# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 25 February – 2025

## News Editor – Itishree Singh Rathaur

*****************************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭର ହୋଇଛି; କହିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ଚାଷୀମାନଙ୍କଠାରୁ ଧାନ କିଣାର ଅବଧି ଆସନ୍ତାମାସ ୩୧ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କଲେ ରାଜ୍ୟ ସରକାର
- ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ ଦ୍ୱାରା ପରିଚାଳିତ ପୁଲିସ୍ ଏସ୍.ଆଇ ସମେତ ୯୩୩ଟି ପଦବୀ ପାଇଁ ଆସନ୍ତାମାସ ୮ ତାରିଖରେ ହେବ ପରୀକ୍ଷା

ଏବଂ

- ଆସନ୍ତାକାଲି ମହାଶିବରାତ୍ରୀ; ରାଜ୍ୟର ଶୈବପୀଠଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା

— ଶେଷ ହେଉଛି ପ୍ରୟାଗରାଜର ମହାକୁମ୍ଭ ମେଳା

## ଶୀତଳୀକରଣ କେନ୍ଦ୍ର ଲୋକାର୍ପଣ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇଛି । ଦୁଗ୍ଧ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ସରକାରୀ ସହାୟତା ସହ ଅନକ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ଚାଷୀଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରାଯାଉଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ସଦରମହକୁମାଠାରେ ଏକ ଦୁଗ୍ଧ ଶୀତଳୀକରଣ କେନ୍ଦ୍ରର ଲୋକାର୍ପଣ କରି ଶ୍ରୀ ପ୍ରଧାନ କହିଛନ୍ତି, ସମ୍ବଲପୁରରେ ଦୁଗ୍ଧ ଚାଷର ଅନେକ ସମ୍ଭାବନା ରହିଛି । ଏହି ଶୀତଳୀକରଣ କେନ୍ଦ୍ର ନିର୍ମାଣ ପାଇଁ ୪୦ ଲକ୍ଷ ଟଙ୍କା ନିବେଶ କରାଯାଇଛି । ଏଥିରେ ଦୈନିକ ମୋଟ୍ ୨ ହଜାର ଲିଟର ଦୁଗ୍ଧ ସଂଗ୍ରହର ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ରୋଜଗାରର ମାଧ୍ୟମ ଭାବେ ଦୁଗ୍ଧ ଚାଷୀଙ୍କ ଆର୍ଥିକସ୍ଥିତି ସୁଦୃଢ଼ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ପର୍ଯ୍ୟଟନସ୍ଥଳି ଗସ୍ତ-କେନ୍ଦ୍ରମନ୍ତ୍ରୀ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ଭୀମମଣ୍ଡଳୀ ପର୍ଯ୍ୟଟନସ୍ଥଳି ଗସ୍ତ କରିଛନ୍ତି । ଜାତୀୟସ୍ତରରେ ଭୀମମଣ୍ଡଳୀର ଐତିହ୍ୟ ଗାଥାକୁ ଲୋକଲୋଚନକୁ ଅଣାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏ ସମ୍ପର୍କରେ ଜାତୀୟ ସ୍ତରର କର୍ମଶାଳା ଆୟୋଜନ କରାଯିବା ସହ ଉଚ୍ଚସ୍ତରୀୟ ଗବେଷଣା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ମତପ୍ରକାଶ କରିଛନ୍ତି । ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା-ଏଏସ୍ଆଇର ଅଧିକାରୀଙ୍କ ସହ ଏହି ଐତିହାସିକ ସ୍ଥାନର ଉତ୍ପତ୍ତି, ଐତିହ୍ୟ, ଇତିହାସ ଏବଂ ମାନବ ସଭ୍ୟତାର ପ୍ରାମାଣିକ ତଥ୍ୟ

ଉପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଲୋଚନା କରିଥିଲେ। ଶ୍ରୀ ପ୍ରଧାନ କହିଛନ୍ତି, ଭୀମମଣ୍ଡଳୀରେ ୧୦୦ରୁ ଅଧିକ ଗୁମ୍ଫା ରହିଛି। ଯେଉଁଥିରେ ମାନବ ସଭ୍ୟତାର ପ୍ରମାଣ ମିଳିଛି। ଏଠାରେ ପାଖାପାଖି ୩୦ ହଜାର ବର୍ଷ ପୂର୍ବରୁ ମାନବ ସଭ୍ୟତା ଗଢ଼ି ଉଠିଥିଲା ବୋଲି ବିଭିନ୍ନ ପ୍ରାମାଣିକ ତଥ୍ୟରୁ ଐତିହାସିକମାନେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାର ନିକଟରେ ଭୀମମଣ୍ଡଳୀ  ଓ ଦେବଝରନ୍‌କୁ ସରକାରୀ ପର୍ଯ୍ୟଟନ ତାଲିକାରେ ସାମିଲ କରିଛନ୍ତି।

## ଜେ.ପି.ନଡ୍ଡା ଓଡ଼ିଶା ଗସ୍ତ

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଆସନ୍ତା ୨୮ ତାରିଖରେ ଓଡ଼ିଶା ଗସ୍ତରେ ଆସି ପୁରୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡା ଭାରତରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ପ୍ରଣାଳୀର ନବମ ଜାତୀୟ ଶିଖର ସମ୍ମିଳନୀ ଏବଂ ସ୍ୱାସ୍ଥ୍ୟ ମିଶନର ୧୬ତମ ସାଧାରଣ ସମୀକ୍ଷା ରିପୋର୍ଟକୁ ଲୋକାର୍ପଣ କରିବେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଯୋଗଦେବେ। ଏ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି।

## ଧାନ କିଣାର ଡେଡଲାଇନ

ରାଜ୍ୟରେ ଚାଷୀମାନଙ୍କଠାରୁ ମଣ୍ଡି ମାଧ୍ୟମରେ ଧାନ କିଣା ପାଇଁ ଆସନ୍ତା ମାସ ୩୧ ତାରିଖ ପର୍ଯ୍ୟନ୍ତ ସରକାର ଦିନ ଧାର୍ଯ୍ୟ କରିଛନ୍ତି। ଏ ନେଇ ଖାଦ୍ୟ

ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ବର୍ତ୍ତମାନ ସୁଦ୍ଧା ବିଭିନ୍ନ ସ୍ଥାନରୁ ୬୫ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି । ସରକାରଙ୍କ ଦ୍ୱାରା ଲକ୍ଷ୍ୟ ଧାର୍ଯ୍ୟର ୯୦ ପ୍ରତିଶତ ଧାନ ସଂଗ୍ରହ ହୋଇସାରିଥିବା ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ।

## ରାସନକାର୍ଡ

ରାଜ୍ୟରେ ଥିବା ରାସନକାର୍ଡ ହିତାଧିକାରୀମାନେ ଆୟକର ଦାଖଲ କରିଥିଲେ ମଧ୍ୟ ରାସନକାର୍ଡ କଟିବ ନାହିଁ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି । ମନ୍ତ୍ରୀ କହିଛନ୍ତି, ହିତାଧିକାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ଯାଞ୍ଚ ହେବା ସହ ଘରକୁ ଘର ବୁଲି ସର୍ଭେ କରାଯିବ । ସେହିଭଳି ଖୁବ୍ ଶୀଘ୍ର ନୂଆ ରାସନ କାର୍ଡ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ସୂଚନା ଅନୁସାରେ, ରାସନକାର୍ଡ ହିତାଧିକାରୀମାନଙ୍କ ପାଇଁ ଇ-କେଓ୍ୱାଇସି ଅପଡେଟ୍ କରିବାର ଅବଧିକୁ ରାଜ୍ୟ ସରକାର  ଆସନ୍ତାମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

## ଏସ୍ଆଇ ପରୀକ୍ଷା

ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ ଦ୍ୱାରା ପରିଚାଳିତ ପୁଲିସ୍ ସବ୍ଇନିସ୍ପେକ୍ଟର ସହ ଅନ୍ୟ ପଦବୀ ପାଇଁ ଆସନ୍ତା ମାସ ୮ ଓ ୯ ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ । ମୋଟ୍ ୯୩୩ଟି ପଦବୀ ପାଇଁ ପରୀକ୍ଷା ହେବ । ବିଭିନ୍ନ ଜିଲ୍ଲାର ପରୀକ୍ଷା କେନ୍ଦ୍ରରେ ଓଏମ୍ଆର ସିଟ୍‌ରେ ପରୀକ୍ଷା ହେବ । ପରୀକ୍ଷାର୍ଥୀମାନେ

ଓଡ଼ିଶା ପୁଲିସ୍‌ର ଓ୍ବେବ୍‌ସାଇଟ୍‌ରୁ ପ୍ରବେଶପତ୍ର ଡାଉନ୍‌ଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

## ଶିବରାତ୍ରୀ

ରାଜ୍ୟର ବିଭିନ୍ନ ଶୈବପୀଠଗୁଡ଼ିକରେ ଆସନ୍ତାକାଲି ମହାଶିବରାତ୍ରୀ ବା ଜାଗର ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି। ମନ୍ଦିରଗୁଡ଼ିକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି ଏବଂ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା ହୋଇଛି। ଭୁବନେଶ୍ୱର ଶ୍ରୀଲିଙ୍ଗରାଜ, ପୁରୀର ଶ୍ରୀଲୋକନାଥ, କଟକର ବାବା ଧବଳେଶ୍ୱର, ନୟାଗଡ଼ର ଲଡୁବାବା, ଢେଙ୍କାନାଳ ଜିଲ୍ଲା କପିଳାସ ପୀଠର ଶ୍ରୀଚନ୍ଦ୍ରଶେଖର, ଭଦ୍ରକର ଶ୍ରୀଆଖଣ୍ଡଳମଣି, ଆଦି ଶୈବପୀଠଗୁଡ଼ିକରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଗ୍ରହଣ କରାଯାଇଛି। ଲିଙ୍ଗରାଜ ମନ୍ଦିରରେ ଆସନ୍ତାକାଲି ରାତି ୧୦ବେଳେ ମହାଦୀପ ଉଠିବ ବୋଲି ମନ୍ଦିର ନିଯୋଗ ପକ୍ଷରୁ କୁହାଯାଇଛି। ରାତି ୩ଟା ୩୦ ମିନିଟ୍‌ରୁ ହରିହର ଭେଟ ନୀତିକାନ୍ତି ଅନୁଷ୍ଠିତ ହେବ। ସେହିପରି ଭୋର ୪ଟା ୩୦ ମିନିଟ୍‌ରୁ ୫ଟା ୧୫ ମିନିଟ୍ ମଧ୍ୟରେ ବଡ଼ସିଂହାର ଓ ପହୁଡ ନୀତି ହେବା ଲାଗି ନିର୍ଦ୍ଧାରଣ କରାଯାଇଛି। ସୁରକ୍ଷା ଦୃଷ୍ଟିକୋଣରୁ ସିସିଟିଭି ବ୍ୟବସ୍ଥା କରାଯାଇଛି।

ପୁରୀ ଲୋକନାଥ ପୀଠରେ ଜାଗରଯାତ୍ରା ପାଇଁ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ପରିସର ଓ ସମ୍ମୁଖ ଭାଗରେ ବ୍ୟାରିକେଡିଂ ସହିତ ଶୃଙ୍ଖଳିତ ଦର୍ଶନର ବ୍ୟବସ୍ଥା କରାଯାଇଛି। ନୀତି ନିର୍ଘଣ୍ଟ ଅନୁଯାୟୀ ରାତି ୧୨ଟା

୩୦ରୁ ଦ୍ୱାର ଫିଟାଯିବା ପରେ ମଙ୍ଗଳଆଳତୀ, ମଇଲମ ଓ ଦୈନନ୍ଦିନ ନୀତି ସରିବା ପରେ ସର୍ବସାଧାରଣ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି।

## ଶିବରାତ୍ରୀ-୨

କଟକର ଧବଳେଶ୍ୱର ପୀଠରେ ପୂଜାର୍ଚ୍ଚନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୀଠ ପରିସରରେ ୮ ପ୍ଲାଟୁନ୍ ପୁଲିସ୍ ମୁତୟନ ହେବେ ବୋଲି ଗ୍ରାମାଂଚଳ ଏସ୍‌ପି ପ୍ରତୀକ ସିଂ କହିଛନ୍ତି।

# ମହାକୁମ୍ଭ-ମହାଶିବରାତ୍ରି

ଉତ୍ତରପ୍ରଦେଶ ପ୍ରୟାଗରାଜର ମହାକୁମ୍ଭ ମେଳା ଆସନ୍ତାକାଲି ମହାଶିବରାତ୍ରି ଅବସରରେ ଆନୁଷ୍ଠାନିକ ଭାବେ ଶେଷ ହେବ । ଏହାକୁ ଦିବ୍ୟ ଓ ଆକର୍ଷଣୀୟ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଏଥିପାଇଁ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁବିଧାକୁ ପ୍ରାଥମିକତା ଦିଆଯିବା ସହ ସ୍ନାନ ଘାଟ ଓ ମନ୍ଦିର ପରିସରରେ ନିୟମିତ ଭାବେ ସ୍ୱଚ୍ଛତା ଉପରେ ଧ୍ୟାନ ଦିଆଯାଇଛି। ମହାଶିବରାତ୍ରିକୁ ଦୃଷ୍ଟିରେ ରଖି ଆସନ୍ତାକାଲି ଅକ୍ଷୟବଟ ଏବଂ ସରସ୍ୱତୀ କୂପ ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ରଥଯାତ୍ରା ପ୍ରସ୍ତୁତି ବୈଠକ

**ପୁରୀ** ରଥଯାତ୍ରା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱରଠାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରଥଯାତ୍ରାକୁ ସୁବ୍ୟସ୍ଥିତ ଏବଂ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ଆଲୋଚନା ହୋଇଛି। ବୈଠକରେ ଗୃହବିଭାଗର ଅତିରିକ୍ତ ମୁଖ୍ୟ ଶାସନ

ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁଲିସ୍ ଡିଜି, ଜିଲ୍ଲାପାଳ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ, ଆସନ୍ତା ଜୁନ୍ ମାସ ୨୭ ତାରିଖରେ ପୁରୀ ରଥଯାତ୍ରା ଅନୁଷ୍ଠିତ ହେବ।

## ସାହିତ୍ୟ ଏକାଡେମୀ ନୂତନ ସଚିବ

ଓଡ଼ିଶା ସାହିତ୍ୟ ଏକାଡେମୀର ନୂତନ ସଚିବ ଭାବେ ଡକ୍ଟର ଚନ୍ଦ୍ରଶେଖର ହୋତାଙ୍କୁ ନିଯୁକ୍ତି ମିଳିଛି। ଏ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଡକ୍ଟର ହୋତା ସଂଗୀତ ନାଟକ ଏକାଡେମୀର ମଧ୍ୟ ସଚିବ ଭାବେ ଦାୟିତ୍ୱ ତୁଲାଇବେ।

## ସରସ ଆଜୀବିକା ମେଳା

ଉତ୍ତରପ୍ରଦେଶର ନୋଏଡାଠାରେ କେନ୍ଦ୍ରଗ୍ରାମୀଣ ବିକାଶ ମନ୍ତ୍ରୀ କମଲେଶ ପାଶଓ୍ୱାନ୍ ଏବଂ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଚନ୍ଦ୍ରଶେଖର ପେମାଶାନୀ ଯୋଗଦେଇ ସରସ ଆଜୀବିକା ମେଳାର ଉଦ୍‌ଘାଟନ କରିଛନ୍ତି। ଏହି ମେଳାରେ ବିଭିନ୍ନ ରାଜ୍ୟରୁ ୩୦୦ ରୁ ଊର୍ଦ୍ଧ୍ୱ ଷ୍ଟଲ୍ ରହିଥିବାବେଳେ ଓଡ଼ିଶାରୁ ୭ଟି ଷ୍ଟଲ୍ ରହିଛି। କନ୍ଧମାଳ ଜିଲ୍ଲା ଦାରିଙ୍ଗ୍‌ୱାଡିର ଲକ୍ଷପତି ଦିଦି ଝରଣ ସାହୁଙ୍କଠାରୁ କେନ୍ଦ୍ରମନ୍ତ୍ରୀ କନ୍ଧମାଳ ହଳଦୀଗୁଣ୍ଡ ସହ ଅନ୍ୟାନ୍ୟ ସାମଗ୍ରୀ କ୍ରୟ କରିଥିବା ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି।

## ଓ୍ୱେଭ୍‌ସ୍ (WAVES)

ମନୋରଞ୍ଜନ ଓ ଗଣମାଧ୍ୟମ କ୍ଷେତ୍ରରେ ଭାରତ ବିଶ୍ୱରେ  ଅନନ୍ୟ ପରିଚୟ ସୃଷ୍ଟି କରିପାରିଛି। ବର୍ତ୍ତମାନ ଦେଶ ବିଶ୍ୱ Audio visual ଏବଂ ମନୋରଞ୍ଜନ

ସମ୍ମିଳନୀ (WAVES) ମାଧ୍ୟମରେ ଏହି କ୍ଷେତ୍ରରେ  ନେତୃତ୍ୱ ନେବାକୁ ପ୍ରସ୍ତୁତ କରୁଛି।  WAVESର ଉଦ୍ଦେଶ୍ୟ ହେଉଛି ଦେଶରେ - ମିଡିଆ ଏବଂ ମନୋରଞ୍ଜନର ଉତ୍କର୍ଷକେନ୍ଦ୍ର ପ୍ରତିଷ୍ଠା କରିବା ତଥା Create in India କୁ ପ୍ରୋତ୍ସାହିତ କରିବା। ସମ୍ମିଳନୀରେ ସିନେମା, ଟେଲିଭିଜନ, ଓଟିଟି, ଗେମିଂ, ସଙ୍ଗୀତ, ଆନିମେସନ, କୃତ୍ରିମ ବୁଦ୍ଧିମତା ଆଦି ବିଷୟରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି। ଆସନ୍ତା ୧ ମଇରୁ ୪ ମଇ ପର୍ଯ୍ୟନ୍ତ ମୁମ୍ବାଇରେ ଏହି ସମ୍ମିଳନୀର ଆୟୋଜନ ହେବ।

## ସାଧାରଣ ପରିଷଦ ବୈଠକ

**ନବରଙ୍ଗପୁର** ଷଷ୍ଠତମ ଜିଲ୍ଲା ପରିଷଦର ସପ୍ତମ ସାଧାରଣ ବୈଠକ ଆଜି ଅନୁଷ୍ଠିତ ହୋଇଛି। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ୍, ବିଧାୟକ ଗୌରୀଶଙ୍କର ମାଝୀ, ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ରଙ୍କ ସମେତ ଜିଲ୍ଲାର ବିଭିନ୍ନ ପଦାଧିକାରୀ ଯୋଗ ଦେଇଥିଲେ। ଜିଲ୍ଲାର ସମସ୍ତ ୨୩ଟି ବିଭାଗର ଯୋଜନା ଓ ପ୍ରକଳ୍ପଗୁଡ଼ିକର ବୈଠକରେ ସମୀକ୍ଷା କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ପାଠଚକ୍ର

**ନୟାଗଡ଼** ଜିଲ୍ଲା ଶିକ୍ଷା ଓ ପ୍ରତିଷ୍ଠାନ ପରିସରରେ ଜିଲ୍ଲାସ୍ତରୀୟ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ 'ବିଦ୍ୟାଳୟ ଶିକ୍ଷାର ଆତ୍ମା' ଶୀର୍ଷକରେ ଆଲୋଚନା ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ଶିକ୍ଷାବିତ୍‌ଙ୍କ ସମେତ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ନିର୍ମାଣ ଶ୍ରମିକ ସମାରୋହ

**ଭଦ୍ରକ** ଜିଲ୍ଲା ସହିଦ୍ ସ୍ମୃତିଭବନ ପରିସରରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକରଣ ପତ୍ର ଏବଂ ସହାୟତାରାଶି ବଣ୍ଟନ କରିଥିଲେ। ଜିଲ୍ଲାର ୧ ହଜାର ୯୪୯ ହିତାଧିକାରୀଙ୍କୁ ୩ କୋଟି ୪୦ ଲକ୍ଷ ଟଙ୍କାର ସହାୟତା ରାଶି ଦିଆଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ଟେବୁଲ ଟପ୍ ଅଭ୍ୟାସ

ଯାଜପୁର ଜିଲ୍ଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ନେଇ ଟେବୁଲ୍ ଟପ୍ ଅଭ୍ୟାସ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏଫ୍ଆଇଏଚ୍ ହକି

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା ଏଫ୍ଆଇଏଚ୍ ପ୍ରୋ-ଲିଗ୍ ପ୍ରତିଯୋଗିତାର ମହିଳା ବର୍ଗରେ  ଭାରତ ଏବଂ ନେଦରଲାଣ୍ଡସ୍ ମଧ୍ୟରେ ମୁକାବିଲା ଜାରି ରହିଛି। ପୁରୁଷବର୍ଗରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ସନ୍ଧ୍ୟା ସାଢ଼େ ୭ଟାରେ ମ୍ୟାଚ୍ ଖେଳାଯିବ।

## ପାଣିପାଗ

ରାଜ୍ୟରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଏହାପରେ ତାପମାତ୍ରା ଦୁଇରୁ ଚାରି ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଆଜି ୩୭ଟି ସହରର ତାପମାତ୍ରା ୩୦ ଡିଗ୍ରୀ ସେଲସିୟସ୍

ଉପରେ ରେକର୍ଡ ହୋଇଛି । ବୌଦ୍ଧରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୬ ଦଶମିକ ୫ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି ।